# ମୋ ଗାଁ ମୋର ଗୌରବ



ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା

# ଛୋଟ କାର୍ପ ଓ ବାର୍ବ ମାଛ ଚାଷ

ଆମ ଦେଶର ନଦୀ ଓ ହ୍ରଦମାନଙ୍କର ବିଭିନ୍ନ ପ୍ରକାରର ଛୋଟ କାର୍ପ ଓ ବାର୍ବ (ଶଫରି) ଜାତରି ମାଛ ଦେଖାଯାନ୍ତି । କେତେକ ଛୋଟ କାର୍ପ ଜାତିର ମାଛ ହେଲା ଖୁର୍ସିଆ, କୁରିରୋହି, କଳା ବଂଇଶୀ, ବାଟା ପୋହଳା ଓ ରେବା ପୋହଳା । ଏହାଛଡା ବାର୍ବ ଜାତରି ମାଛ ହେଲା ଜାଭା କେରାଣ୍ଡି ମୁଣ୍ଡା ସାରଣା ଓ ଜାଭା ପୁଣ୍ଟି । ଏହି ମାଛ ଗୁଡିକ ଚାଷ ପାଇଁ ଅତ୍ୟନ୍ତ ଉପଯୋଗୀ ଓ ବଜାରରେ ବହୁତ ଚାହିଦା ଥାଏ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଚାଷ ପାଇଁ ଅତ୍ୟନ୍ତ ଉପଯୋଗୀ । ଗତ କିଛି ବର୍ଷ ଧରି ସିଫାରେ ସେମାନଙ୍କ ପ୍ରଜନନ, ଜାଆଁଳ ତିଆରି ଓ ବଡ ମାଛ ଚାଷ ପଦ୍ଧତରି ଉପାୟ ପ୍ରସ୍ତୁତି କରାଯାଇଛି । ଏହି ମାଛ ଗୁଡିକ ମଧ ରୋହୀ, ଭାକରୁ ଓ ମିରିକାଳି ସହ ଏକ ପୋଖରୀରେ ଚାଷ କରାଯାଇପାରିବ ।

ପ୍ରଥମ ଛଅମାସ ଚାଷରେ ଏମାନେ ଭଲ ବଢିଥାନ୍ତି । ଯେଉଁ ପୋଖରୀରେ ବର୍ଷକୁ ଛଅମାସ ବା ଅଧିକ୍ ସମୟ ପାଣି ରହେ ସେଗୁଡିକୁ ଏ ମାଛ ଚାଷ ପାଇଁ ଉପଯୋଗ କରିହେବ । ଏକା ସାଙ୍ଗରେ ଚାଷ କଲେ ମଧ ଏମାନେ ମୁଖ୍ୟତଃ ରୋହୀ, ଭାକୁର, ତଥା ମିରିକାଳିର ଶାରୀରକି ଅଭିବୃଦ୍ଧି ଉପରେ ପ୍ରାୟ କିଛି ପ୍ରଭାବ ପକାନ୍ତି ନାହିଁ । ଏମାନଙ୍କୁ ସୁବିଧାରେ ପ୍ରଭାବିତ ପ୍ରଜନନ କରାଯାଇପାରେ । ଏମାନଙ୍କର ଜାଆଳଁ ଚାଷ ମଧ ରୋହୀ, ଭାକୁର ଭଳି ସୁବିଧାରେ କରାଯାଇପାରେ । ସମୟ କ୍ରମେ ଏହି ମାଛ ଗୁଡିକର ସଂଖ୍ୟା ଆମର ପ୍ରାକୃତିକ ଜଳ ଉତ୍ସ ଯଥା ନଦୀ, ନାଳ ଓ ଜଳଭଣ୍ଡାରରେ କମିଯାଉଛି ତେଣୁ ମୁଖ୍ୟ ସ୍ରୋତରେ ଏହି ମାଛ ଗୁଡିକର ଚାଷକୁ ପ୍ରୋତ୍ସାହନ ଦେଲେ ତାଙ୍କର ସଂଖ୍ୟା ବୃଦ୍ଧି ହୋଇପାରବି ।

**ପ୍ରଭାବିତ ପ୍ରଜନନ:**

ଦୁଇ ବର୍ଷିଆ ପୋଖତା ମାଛକୁ ବର୍ଷାରତୁର ୨ ରୁ ୩ ମାସ ଆଗରୁ ଏକର ପିଛା ୫ ରୁ ୬ କ୍ୱିଣ୍ଟାଲ ପର୍ଯ୍ୟନ୍ତ ପୋଖରୀରେ ଛଡାଯାଏ । ପ୍ରତିଦିନ ସବୁ ମାଛର ହାରାହାରି ଓଜନର ୩% (ସମାନ ଅନୁପାତର କୁଣ୍ଡା ଓ ପିଡିଆ ବା ଭସାଖାଦ୍ୟ) ଖାଦ୍ୟ ଦିଆଯାଏ । ବର୍ଷାଦିନ ଦେଖି ସେମାନଙ୍କୁ ପ୍ରଜନନ କରାଯାଏ । ପ୍ରଭାବିତ ପ୍ରଜନନ ପାଇଁ ପ୍ରାୟ ସବୁ ଜାତିର ଛୋଟ କାର୍ପ ଓ ବାବର୍ର ମାଈ ଓ ଅଣ୍ଡିରା ମାଛକୁ ଯଥାକ୍ରମେ ୦.୩-୦.୪ ଏବଂ ୦.୧୫-୦.୨୦ ମି ଲି. /କି. ଗ୍ରା. ହିସାବରେ ‘ଓଭାପ୍ରିମ’ ବା ‘ଓଭାଟାଇଡ’ ହରମୋନ୍ ଇଞ୍ଜେକସନ୍ ଦିଆଯାଏ ଓ ହ୍ୟାଚେରୀର ପ୍ରଜନନ ଟାଙ୍କିରେ ଛାଡି ଦିଆଯାଏ । ମୁଣ୍ଡା ସାରଣା ପ୍ରଜନନ ପାଇଁ ଟାଙ୍କିରେ ଚିଙ୍ଗୁଡିଆ ଦଳକୁ ବିଡା ବାନ୍ଧି ପାଣିର ଉପରି ଭାଗର ଏକ ଫୁଟ ଭିତରେ ଭସାଇ ଦିଆଯାଏ ଯେଉଁଥିରେ ସେମାନେ ଅଣ୍ଡା ଦେଇଥାନ୍ତି ଓ ଅଣ୍ଡା ଗୁଡିକ ଦଳରେ ଲାଖି ଯାଇଥାନ୍ତି । ସେହିପରି ଜାଭା ପୁଣ୍ଟିର ଜାଆଳଁ ଖୁବ୍ ଛୋଟ ଆକାରର (ପାଖାପାଖି ୩ ମି. ମି. ) ହୋଇଥିବାରୁ ଅଣ୍ଡା ଫୁଟିବା ଟାଙ୍କିରେ ପତଳା ଜାଲ ବ୍ୟବହାର କରାଯାଏ । ଇଞ୍ଜେକସନ ଦେବାର ୬ ରୁ ୭ ଘଣ୍ଟା ପରେ ମାଛ ମାନେ ଅଣ୍ଡା ଦେଇଥାନ୍ତି ଯାହାକୁ ଆଣି ଅଣ୍ଡା ଫୁଟିବା ଟାଙ୍କିରେ ରଖାଯାଏ । ପ୍ରାୟ ୧୪ ରୁ ୧୫ ଘଣ୍ଟା ପରେ ଅଣ୍ଡାରୁ ଛୁଆ ଫୁଟି ବାହାରିଥାନ୍ତି । ପ୍ରାୟ ୬୨ ଘଣ୍ଟା ପରେ ଏମାନେ ସ୍ପନ୍ ବା ଗୁଣ୍ଡ ଯାଆଳଁରେ ପରିଣତ ହୁଅନ୍ତି ।

**ଜାଆଁଳ ଚାଷ:**

ଗୁଣ୍ଡ ଯାଆଳଁକୁ ପୂର୍ବ ପ୍ରସ୍ତୁତ ନର୍ସରୀ ପୋଖରୀରେ ୨୫ ରୁ ୩୦ ଦିନ ବଢାଇଲା ପରେ ତାହା ଧାନୀ ଜାଆଁଳ ବା ଫ୍ରାୟ ହୋଇଥାଏ । ଜାଭାପୁଣ୍ଟି କ୍ଷେତ୍ରରେ ଏହି ଧାନୀ ଜାଆଁଳ ଚାଷର ସମୟ ୪୦-୪୫ ଦିନ ପର୍ଯ୍ୟନ୍ତ ଲାଗିଥାଏ । ସାଧାରଣତଃ ପୋଖରୀରେ ଜାଆଁଳ ଚାଷ ହେଉଥିବା ବେଳେ ସିମେଣ୍ଟ ଟାଙ୍କିରେ ଚାପ କରି ଅଧିକ ଜାଆଁଳ ଅମଳ କରାଯାଇ ପାରିବ ।

**ନର୍ସରୀ ବା ଧାନି ଯାଆଁଳ ଚାଷ ପଦ୍ଧତି:**

ପୋଖରୀ ଆକାର ୦.୫ ରୁ ୧.୦ ଏକର ଓ ପାଣିର ଗଭୀରତା ୧ ମି. । ଶୁଖିଥିବା ପୋଖରୀରେ ଏକ ଫୁଟ ପାଣି ଭର୍ତ୍ତିକରି ଏକର ପ୍ରତି ୧୨ କ୍ୱିଣ୍ଟାଲ କଞ୍ଚା ଗୋବର ଚାରିଆଡେ ପକାଯାଏ । ଦୁଇ ଦିନ ପରେ ପାଣିସ୍ତରକୁ ୧ ମିଟର ପର୍ଯ୍ୟନ୍ତ ବଢାଯାଏ । ବର୍ଷସାରା ପାଣିଥିବା ପୋଖରୀରୁ ପ୍ରଥମେ ଦଳ କଢାଯାଏ । ସାଧାରଣତଃ ନର୍ସରୀ ପୋଖରୀ ଛୋଟ ଥିବାରୁ ଲୋକ ଲଗାଇ ଦଳ କାଢିବା ଉଚିତ୍ ।

**ଶିକାରୀ ମାଛ ଦମନ :**

ଯାଆଁଳ ଛାଡିବାର ପାଖାପାଖି ୧୫ ଦିନ ଆଗରୁ ଶିକାରୀ ମାଛ ଦମନ କରାଯାଏ । ବାଳିଆ, ଶେଉଳ, ଶାଳ, ଗଡିଶା, କଉ, ଫଳି, ମହୁରାଳି, ଜହରାଳି ଇତ୍ୟାଦି ଶିକାରୀ ମାଛଙ୍କୁ ମାରିବା ପାଇଁ ନିମ୍ନଲିଖିତ ଉପାୟ ଗୁଡିକ ମଧ୍ୟରୁ ଯେକୌଣସି ଏକ ଉପାୟ ବ୍ୟବହାର କରାଯାଇ ପାରିବ ।

(କ) ମହୁଲ ପଡିଆ ୧୦୦୦ କି.ଗ୍ରା/ଏକର/ ୧ ମିଟର ଗଭୀର ପାଣି (ଖ) ବ୍ଲିଚିଙ୍ଗ ପାଉଡର (୨୦% କ୍ଲୋରିନ୍) ୨୦୦ କି.ଗ୍ରା/ଏକର/ ୧ ମିଟର ଗଭୀର ପାଣି (ଗ) ପ୍ରଥମେ ୟୁରିଆ ୪୦ କି.ଗ୍ରା/ଏକର/ ୧ ମି. ଗଭୀର ପାଣି ଓ ୧୮ ଘଣ୍ଟା ପରେ ବ୍ଲିଚିଙ୍ଗ ପାଉଡର ୭୦ କି.ଗ୍ରା/ଏକର/ ୧ ମି. ଗଭୀର ପାଣି ହିସାବରେ ପକାଯାଏ । ବ୍ଲିଚିଙ୍ଗ ପାଉଡର ବା ମହୁଲ ପିଡିଆ ପକାଇବାର ୧୨ ରୁ ୧୫ ଦିନ ପରେ ମାଛ ଛାଡହେବ । ହାତରେ ଗ୍ଲୋବ୍ସ ତଥା ଆଖିକୁ ବଞ୍ଚାଇ ବ୍ଲିଚିଙ୍ଗ୍ ପାଉଡର ପକାଇବା ଉଚିତ୍ ।

**ପୋଖରୀରେ ଚୂନ ପ୍ରୟୋଗ :**

ସାଧାରଣତଃ ଯାଆଁଳ ଚାଷ ପାଇଁ ପାଣିର ପି.ଏଚ୍ ୭.୫ ରୁ ୮.୩ ହେବା ଉଚିତ୍ । ପାଣିର ପି.ଏଚ୍ ୭.୫ ଭିତରେ ଥିଲେ ଏକର ପିଛା ୮୦ କି.ଗ୍ରା. ପଥର ଚୂନ ଅଳ୍ପ ପାଣି ସିଞ୍ଚି ଘାଣ୍ଟି ଦେଲେ ମୁଣ୍ଡା ଚୂନ ପଥର ଫାଟି ଗୁଣ୍ଡ ହୋଇଯାଏ ଓ ଏହି ଗୁଣ୍ଡ ପୋଖରୀରେ ସମାନ ଭାବରେ ପକାଯାଏ ।

**ନର୍ସରୀ ପୋଖରୀରେ ସାର ପ୍ରୟୋଗ:**

ପୋଖରୀରେ ସାର ପ୍ରୟୋଗ କରି ପ୍ଲାବକ ବା ପ୍ଲାଙ୍କଟନ୍ ସଂଖ୍ୟା ବୃଦ୍ଧି କରାଯିବା ଉଚିତ୍ ଯାହା ଜାଆଁଳ ର ପ୍ରାକୃତି ଖାଦ୍ୟ ଅଟେ । ଏଥାଇଁ ବିଭିନ୍ନ କିସ୍ତିରେ ସାର ଓ ଗୋବର ପକାଯାଏ । ଯାଆଁଳ ଛାଡିବାର ୪ ରୁ ୫ ଦିନ ପୂର୍ବରୁ ୧୫୦ କି.ଗ୍ରା. ବାଦାମ ବା ସୋରିଷ ପିଡିଆ (ପୂର୍ବ ରାତିରୁ ପାଣିରେ ଭିଜାଇ) + ୪୦ କି.ଗ୍ରା. କଞ୍ଚା ଗୋବର + ୧୦ କି.ଗ୍ରା. ସିଙ୍ଗଲ ସୁପର ଫସପେଟକୁ ମିଶାଇ ପୋଖରୀରେ ଚାରିଆଡେ ସମାନ ଭାବରେ ପାଣିରେ ମିଶାଇ ପକାଯାଏ । ଜାଆଁଳ ଛାଡିବାର ୫ ଓ ୧୦ ଦିନ ପରେ ଉପର ଲିଖିତ ମାତ୍ରାର ଅଧା ପରିମାଣ ପ୍ରତ୍ୟେକ ଥର ପକାଯାଏ ।

**ପୋକ ନିୟନ୍ତ୍ରଣ:**

ଯାଆଁଳ ଛାଡିବା ପୂର୍ବରୁ ବାରମ୍ବାର ପୋଖରୀରେ ମଶାରୀ ଜାଲ ବାରମ୍ବାର ଚଲାଯାଇ ସବୁ ପୋକ ଧରାଯାଏ । ଏକ ବାଲଟିରେ ଅଧାପାଣି ରଖି ସେଥିରେ ଟିକିଏ କିରୋସିନି ପକାଇ ଧରିଥିବା ପୋକକୁ ଜାଲ ସହ ୪ ରୁ ୫ ମିନିଟ୍ ବୁଡାଇ ରଖିଲେ ସେଗୁଡିକ ମରିଯାଆନ୍ତି ।

**ଜାଆଁଳ ପରିମାଣ:**

ସାଧାରଣତଃ ଏକ ଏକର ପାଣିଥିବା ପୋଖରୀରେ ୨୦-୪୦ ଲକ୍ଷ ଗୁଣ୍ଡ ଯାଆଁଳ (୫୦୦-୧୦୦୦ ଗୁଣ୍ଡ ଯାଆଁଳ/ବର୍ଗ ମିଟର) ଛଡାଯାଏ । ସବୁବେଳେ ଏକା ଜାତିର ମାଛର ଜାଆଁଳ ଚାଷ କଲେ ଧାନି ଯାଆଁଳ ବିକ୍ରି ପାଇଁ ସୁବିଧା ହୋଇଥାଏ । କିନ୍ତୁ ସିମେଣ୍ଟ ଟାଙ୍କିରେ ଚାଷ କଲେ ଏହି ପରିମାଣ ନିମ୍ନମତେ ରଖାଯାଇପାରିବ ।

**ସିମେଣ୍ଟ ଟାଙ୍କିରେ ଯାଆଁଳ ଛାଡିବାର ପରିମାଣ**

| ଜାତ | ଯାଆଁଳ ସଂଖ୍ୟା/ବର୍ଗ.ମି. | ଚାଷ ଦିନ | ଖାଦ୍ୟ |
|---|---|---|---|
| କଳାବଇଁଶୀ ଓ ଖୁର୍ସିଆ | ୧୬୦୦ | ୨୫-୩୦ | କୁଣ୍ଡା ଓ ପିଡିଆ ଗୁଣ୍ଡ |
| କୁରି ରୋହୀ | ୮୦୦ | ୨୫-୩୦ | କୁଣ୍ଡା ଓ ପିଡିଆ ଗୁଣ୍ଡ |
| ମୁଣ୍ଡା ସାରଣା | ୧୦୦୦ | ୨୫-୩୦ | କୁଣ୍ଡା (୫୦%) + ପିଡିଆ (୪୦%) + ଶୁଖୁଆ ଗୁଣ୍ଡ (୨୦%) |
| ଜାଭା ପୁଣ୍ଟି | ୧୦୦୦ | ୪୫ | ସୋୟାବିନର କ୍ଷୀର ଓ ଅଣ୍ଡା, ୧୦ ଦିନ ପରେ କୁଣ୍ଡା ଓ ପିଡିଆ ଗୁଣ୍ଡ |

**ଜାଆଁଳ ପାଇଁ ଖାଦ୍ୟ:**

ପ୍ରାକୃତିକ ଆହାର ସହିତ ଗୁଣ୍ଡ ଜାଆଁଳ ଗୁଡିକ ପୂରକ ଆହାର ମଧ୍ୟ ଦରକାର କରିଥାନ୍ତି । ଗୁଣ୍ଡ ଖାଦ୍ୟ (ସମାନ ପରିମାଣର କୁଣ୍ଡା ଓ ପିଡିଆ) ପ୍ରତିଦିନ ୬୦୦ ଗ୍ରାମ୍/ ୧ ଲକ୍ଷ ଯାଆଁଳ ହିସାବରେ ପ୍ରଥମ ୫ ଦିନ ପାଇଁ ଦିଆଯାଏ । ଏହି ପରିମାଣକୁ ପ୍ରତ୍ୟେକ ଦିନ ଲକ୍ଷ ପ୍ରତି ୧୦୦ ଗ୍ରାମ୍ ଲେଖାଏଁ ବଢାଯାଏ ।

**ବଡମାଛ ଚାଷ ପଦ୍ଧତି :**

ଛୋଟ କାର୍ପ ଓ ବାର୍ବ ଜାତିର ମାଛକୁ ରୋହୀ, ଭାକୁର ଓ ମିରିକାଳି ସହ ଏକା ସାଙ୍ଗରେ ଚାଷ କରାଯାଇ ପାରିବ । ଏହାଛଡା ୬ ରୁ ୭ ମାସ ପାଣି ରହୁଥିବା ପୋଖରୀରେ ମଧ୍ୟ ଏଗୁଡିକୁ ଚାଷ କରାଯାଇପାରେ । ପୋଖରୀରେ ଏହି ମାଛ ମାନଙ୍କର ରୋହୀ, ଭାକୁର ତଥା ମିରିକାଳି ମାଛ ସହ ମଧ୍ୟ ଚାଷ କରାଯାଇପାରିବ ।

**ବଡ ମାଛ ଚାଷ ପାଇଁ ଜାଆଁଳର ଅନୁପାତ:**

ଛଅ ମାସ ଚାଷ ପାଇଁ ରୋହୀ, ଭାକୁର ଓ ମରିକାଳି ମାଛର ଅଙ୍ଗୁଳିକା ଏକର ପ୍ରତି ୧,୬୦୦ଟି ଓ ୩,୨୦୦ଟି ଛୋଟ କାର୍ପ ଜାତିର ଅଙ୍ଗୁଳିକା ଛଡାଯାଏ । ବର୍ଷଯାକ ଚାଷ କରିବାକୁ ହେଲେ ରୋହୀ ଭାକୁର ଓ ମିରିକାଳି ର ଅଙ୍ଗୁଳିକା ଏକର ପ୍ରତି ୪,୦୦୦ ଓ ଛୋଟ କାର୍ପ ମାଛ ର ଅଙ୍ଗୁଳିକା ଏକର ପ୍ରତି ୪,୦୦୦-୮,୦୦୦ ପର୍ଯ୍ୟନ୍ତ ଛଡାଯାଇପାରିବ । ଏଥିରେ ଛଅ ମାସ ଚାଷ ପରେ ପୋଖରୀରୁ ସବୁ ଛୋଟ କାର୍ପ ମାଛ ଧରି ବିକ୍ରି କରିଦେଲେ ଆଗକୁ ରୋହୀ, ଭାକୁର ଓ ମିରିକାଳି ଭଲ ବଢିଥାନ୍ତି । ଏହି ଉପାୟରେ ପୋଖରୀର ମାଛ ଉତ୍ପାଦନ ପାଖାପାଖି ୩୦% ଅଧିକ ହୋଇଥାଏ ।

© copyright all rights reserved. ICAR-CIFA 2016

**ସୂଚନା ନିମନ୍ତେ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ:**

ନିର୍ଦ୍ଦେଶକ, ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା
ପୋଷ୍ଟ-କୌଶଲ୍ୟାଗଙ୍ଗ, ଭୁବନେଶ୍ୱର-୭୫୧ ୦୦୨, ଓଡିଶା, ଭାରତ
ଦୂରଭାଷା :୯୧-୬୭୪-୨୪୬୫୪୨୧, -୨୪୬୫୪୪, -୨୪୬୫୪୦୨
ଫ୍ୟାକ୍ସ :୯୧-୬୭୪-୨୪୬୫୪୦୭
ଇ.ମେଲ: director.cifa@icar.gov.in, ୱେବସାଇଟ୍: www.cifa.in

ପ୍ରସ୍ତୁତି
**ଡ. ପ୍ରତାପ ଚନ୍ଦ୍ର ଦାସ,** ପ୍ରଧାନ ବୈଜ୍ଞାନିକ
**ଡ. ସୁହାସ ପ୍ରକାଶ କାମ୍ବଲେ,** ବୈଜ୍ଞାନିକ
ପ୍ରକାଶକ
**ଡ. ପି. ଜୟଶଙ୍କର,** ନିର୍ଦ୍ଦେଶକ